ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail: iprsec.or@nic.in

News ID-IPR/SME(OD)/1275/11-02-2021

# ଭକ୍ତକବି ବଳରାମ ଦାସଙ୍କ ଶ୍ରାଦ୍ଧ ଦିବସ

## ଗଣଶିକ୍ଷା ମନ୍ତ୍ରୀଙ୍କ ଶ୍ରଦ୍ଧାସୁମନ ଅର୍ପଣ

ଭୁବନେଶ୍ୱର, ୧୧.୦୨.୨୦୨୧

ଆଜି ପୂର୍ବାହ୍ନରେ ଭଞ୍ଜକଳା ମଣ୍ଡପ ପରିସରରେ ଥିବା ଭକ୍ତକବି ବଳରାମ ଦାସଙ୍କ ପ୍ରତିମୂର୍ତ୍ତିରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ସମୀର ରଞ୍ଜନ ଦାଶ ମାଲ୍ୟାର୍ପଣ କରି କବିଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାସୁମନ ଅର୍ପଣ କରି କହିଲେ ଯେ, ଭକ୍ତକବି ବଳରାମ ଦାସ ଜଣେ ସିଦ୍ଧ ସାଧକ ଓ ସମାଜ ସଂସ୍କାରକ । ପଞ୍ଚସଖାମାନଙ୍କ ମଧ୍ୟରେ ସେ ଥିଲେ ବୟୋଜ୍ୟେଷ୍ଠ କବି । ଓଡ଼ିଆ 'ରାମାୟଣ', 'ଲକ୍ଷ୍ମୀ ପୁରାଣ' ପରି ସାରସ୍ୱତ ଗ୍ରନ୍ଥ ରଚନା କରି ଓଡ଼ିଆ ସାହିତ୍ୟର ବାଣୀଭଣ୍ଡାରକୁ ସେ ଋଦ୍ଧିମନ୍ତ କରିଛନ୍ତି । ଏହି କାଳଜୟୀ କବି ଆମର ଚିରନମସ୍ୟ ହୋଇରହିବେ ।

ଏହି ଅବସରରେ ଏରବଙ୍ଗ ନୋଡାଲ ଉଚ୍ଚ ବିଦ୍ୟାଳୟର ପୁରାତନ ଶିକ୍ଷାର୍ଥୀ ପରିଷଦର କାର୍ଯ୍ୟକାରୀ ସଭାପତି ଶ୍ରୀ ଗଣେଶ ପ୍ରଧାନ, ବଳରାମ ଦାସଙ୍କ ସ୍ମୃତି ସଂସଦର ସଭାପତି ଶ୍ରୀ ନବ କିଶୋର ନାୟକ, ଏରବଙ୍ଗ ପଞ୍ଚାୟତର ସରପଞ୍ଚ ଶ୍ରୀ ବିଭୂତି ଭୂଷଣ ସାହୁ, ଶିକ୍ଷାର୍ଥୀ ପରିଷଦର ଉପଦେଷ୍ଟା ଶ୍ରୀ କୈଳାସ ଚନ୍ଦ୍ର ସାହୁ, ସ୍ମୃତି ସଂସଦର ସମ୍ପାଦକ ଶ୍ରୀ ନରେଶ ଚନ୍ଦ୍ର ପ୍ରଧାନ, ପରିଷଦ ସଂଯୋଜିକା ଶ୍ରୀମତୀ ପ୍ରଣତି ମିଶ୍ର, ପରିଷଦର ସଭ୍ୟ ଶ୍ରୀ ବିଜୟ ଗୋପାଳ ଦାସ, ଶ୍ରୀ ଧର୍ମେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହି ଭକ୍ତକବିଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

ସଚ୍ଚିଦାନନ୍ଦ ବେହେରା
ସୂଚନା ଅଧିକାରୀ